# Akashvani, Sambalpur

# SAMBALPURI NEWS BULLETIN

## 23 July 2025- 6.47- 6.52 am.

*********************************************

ଜାତୀୟ ମାନବାଧିକାର୍ ଆୟୋଗ ଶୁଣାଣି I&PR

ଜାତୀୟ ମାନବାଧିକାର୍ ଆୟୋଗ୍‌ର ୨ ଦିନିଆ ଶୁଣାଣି ଶିବିର୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ଉଦ୍‌ଯାପିତ୍ ହେଇଯାଇଛେ । ଶିବିର୍‌ଥି ଆୟୋଗ୍ ଶହେ ୪୪ ଟା ମାମ୍‌ଲାର୍ ଶୁଣାଣି କରିକରି ପାଖାପାଖି ୨୮ ଲାଖ୍ ଟଙ୍କାର୍ କ୍ଷତିପୂରଣ୍ ଲାଗି ସୁପାରିଶ୍ କରିଛନ୍ । ଆଇନ୍‌ସେବା ପ୍ରାଧିକରଣ୍‌ର ସଦସ୍ୟମାନ୍‌କର୍ ଉପସ୍ଥିତିଥି ପିଡ଼ିତମାନ୍‌କୁ କ୍ଷତିପୂରଣ୍ ଯୋଜ୍‌ନା ଜରିଏ କ୍ଷତିପୂରଣ୍ ଲାଗି ୨୫ ଟା ମାମ୍‌ଲାର୍ ପାଖାପାଖି ୧ କୋଟି ଟଙ୍କାର୍ ଶୁଣାଣି କରିଛନ୍ ।

ଖରିଫ୍ ଧାନ୍ ଘିନା I&PR

୨୦୨୫-୨୬ ଖରିଫ୍ ଋତୁ ଲାଗି ଆଏବା ନଭେମ୍ବର୍ ୧ ତାରି୍‌ନୁ ଧାନ୍ ଘିନା ମୁଲ୍ ହେବା ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ସେ କହିଛନ୍, ଧାନ୍ ଘିନା ପ୍ରକ୍ରିୟା ଆଏବା

ବଛର୍ ମାର୍ଚ୍ଚ ୩୧ ତାରିଖ୍‌ତକ୍ ଚାଲ୍‌ବା । ପଞ୍ଜିକୃତ ଚାଷୀମାନ୍‌କର୍ ଠାନୁ ସର୍‌କାର୍ ଧାନ୍ ଘିନ୍‌ବେ । ଇ ବଛର୍ ସବୁ ଚାଷୀମାନ୍‌କର୍ ନୂଆଁକରି ପଞ୍ଜିକରଣ୍ କରାଯିବା ବଲି ମନ୍ତ୍ରୀ କହିଛନ୍ ।

ନିର୍ବାଚନ୍ ବୁଥ୍ ସଂଖ୍ୟା ବୃଦ୍ଧି I&PR

ରାଏଜେ ଆହୁରି ୬ ହଜାର୍ ୩ ଶହ ୫୮ ଟା ବୁଥ୍ ଖୁଲାଯିବା ବଲି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍.ଏସ୍. ଗୋପାଲନ୍ କହିଛନ୍ । ଗଲାକାଏଲ୍ ରାଜ୍ୟ ମାଏନ୍‌ତା ପାଇଥିବା ରାଜନୈତିକ୍ ଦଲ୍ ମାନ୍‌କର୍ ପ୍ରତିନିଧି ମାନ୍‌କର୍ ସାଙ୍ଗେ ଆଲୋଚନା ଅବ୍‌ସରେ ନିର୍ବାଚନ୍ ଅଧିକାରୀ ଇ ବାବ୍‌ଦେ ସୂଚ୍‌ନା ଦେଇଛନ୍ । ବୁଥ୍ ମାନ୍‌କେ ଭିଡ଼୍ କମାବାର୍ ଲାଗି ନିର୍ବାଚନ୍ ଆୟୋଗ୍ ଇ ନିଷ୍ପତି ନେଇଥିବା ସେ କହିଛନ୍ । ବୈଠକ୍‌ଥି ବୁଥ୍‌ସ୍ତରର୍ ଏଜେଂଟ୍ ନିଯୁକ୍ତି କର୍‌ବାର୍‌କେ ନିର୍ବାଚନ୍ ଅଧିକାରୀ ରାଜନେତିକ୍ ଦଲର୍ ସଦସ୍ୟମାନ୍‌କୁ ଆହ୍ୱାନ୍ ଦେଇଛନ୍ ।

ଆକାଂକ୍ଷୀ ବ୍ଲକ୍ -୧୧ ନୂଆଁ ବ୍ଲକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ନୀତି ଆୟୋଗ୍ ତର୍‌ଫୁ ରାଜ୍ୟର୍ ୧୧ ଟା ନୂଆଁ ବ୍ଲକ୍ ଆକାଂକ୍ଷୀ ବ୍ଲକ୍ ଯୋଜ୍‌ନାଥି ସାମିଲ୍ ହେଇଛେ । ଇଥି କେନ୍ଦୁଝର୍ ଜିଲ୍ଲାର୍ ୫ ଟା,

ମୟୁର୍‌ଭଞ୍ଜ୍ ଜିଲ୍ଲାର୍ ୬ ଟା ନୂଆଁ ବ୍ଲକ ରହିଛେ । ଇତାର୍‌ସହେତେ ରାଜ୍ୟର୍ ମୋଟ୍ ୪୦ ଟା ବ୍ଲକ୍ ନୀତି ଆୟୋଗ୍‌ର ଆକାଂକ୍ଷୀ ବ୍ଲକ୍ ତାଲିକାଥି ସାମିଲ୍ ହେଇଛେ ।

ଆଇଏଏସ୍ ଅଦଲ୍‌ବଦଲ୍ I&PR

ଗଲାକାଏଲ୍ ଆଇଏଏସ୍‌ସ୍ତର୍‌ଥି ବଡ଼୍ ଧରଣ୍‌ର ଅଦଲ୍‌ବଦଲ୍ କରାଯାଇଛେ । ଏକାଥର୍‌କେ ୪୭ ଝନ୍ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ରାଜ୍ୟ ସର୍‌କାର୍ ବଦଲି କରିଛନ୍ । ଅର୍ଥ, ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ସହେତେ ୭ ଟା ବିଭାଗ୍‌ର ସଚିବ ବଦ୍‌ଲିଛନ୍ । ଦୁଇଝନ୍ ଆର୍‌ଡିସି, ୧୬ ଝନ୍ ଜିଲ୍ଲାପାଲ୍ ଆର୍ ୫ ଝନ୍ ମହାନଗର୍ ନିଗମ୍ କମିଶନର୍ ଭିଲ୍ ବଦ୍‌ଲିଛନ୍ ।

ସେଆଡ଼େ ଚଭନ୍ କୁନାଲ୍ ମୋତିରାମ୍ -ଝାର୍‌ସୁଗୁଡ଼ା, ଡି. ଶୁଭଙ୍କର୍ ମହାପାତ୍ର - ସୁନ୍ଦର୍‌ଗଡ଼୍, ବିଭୂତି ଭୂଷଣ୍ ନାୟକ୍ -ବୌଦ୍ଧ, ନୃପରାଜ୍ ସାହୁଙ୍କୁ ସୁବର୍ଣ୍ଣପୁର୍ ଜିଲ୍ଲାପାଲ୍ ଭାବେ ବଦ୍‌ଲି କରାଯାଇଛେ । ସେନ୍ତା ରେହାନ୍ ଖତ୍ରୀ ଙ୍କୁ ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ କମିଶନର୍ ଭାବେ ବଦ୍‌ଲି କରାଯାଇଛେ ।

ସୁଭଦ୍ରା ଶକ୍ତି ଖାଦ୍ୟ ପ୍ରତିଯୋଗିତା I&PR

ସୁଭଦ୍ରା ଶକ୍ତି ପାରମ୍ପରିକ୍ ଖାଦ୍ୟ ପ୍ରତିଯୋଗିତାର୍ ଗ୍ରାଣ୍ଡ୍ ଫାଇନାଲ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ହେଇଯାଇଛେ । ଇଥି ଢେଙ୍କାନାଲ୍ ଦଲ୍ ୧ ନମ୍ବର୍ ହେଇଥିଲା ବେଲ୍‌କେ କଟକ୍ ୨ ନମ୍ବର୍ ଆର୍ ମୟୁର୍‌ଭଞ୍ଜ୍ ଦଲ୍ ୩ ନମ୍ବର୍ ପୁରସ୍କାର୍ ପାଇଛନ୍ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେଇକରି ବିଜେତା ଦଲ୍‌ମାନ୍‌କୁ ପୁରସ୍କୃତ୍ କରିଥିଲେ ।

ସୁଭଦ୍ରା ସମୀକ୍ଷା କାର୍ଯ୍ୟକ୍ରମ୍ ଶୁଭାରମ୍ଭ I&PR

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ସୁଭଦ୍ରା ସମୀକ୍ଷା କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରିଛନ୍ । କାର୍ଯ୍ୟକ୍ରମ୍ ଜରିଏ କଲେଜ୍ ଛାତ୍ରଛାତ୍ରୀମାନେ ରାଜ୍ୟର୍ ଭିନ୍ ଭିନ୍ ଜାଗାକେ ଯାଇକରି ସୁଭଦ୍ରା ଯୋଜ୍‌ନା ବାବ୍‌ଦେ ସମୀକ୍ଷା କର୍‌ବେ ।

ଜାତୀୟ ପ୍ରସାରଣ୍ ଦିବସ ଏନ୍‌ଏସ୍‌ଡି

ସାରା ଦେଶେ ଆଏଜ୍ ଜାତୀୟ ପ୍ରସାରଣ୍ ଦିବସ୍ ପାଲନ୍ ହେଉଛେ । ଦେଶର୍ କମ୍ୟୁନିଟି ରେଡ଼ିଓ ପ୍ରସାରଣର୍ ଜନ୍ମକେ ସମ୍ମାନ୍ ଜନାବାର୍ ଲାଗି ଫି’ ବଛର୍ ଜୁଲାଇ ୨୩ ତାରିଖ୍ ଦିନ ଇ ଦିବସ୍ ପାଲନ୍

କରାଯାଉଛେ । ଇଣ୍ଡିଆନ୍ ବ୍ରଡ଼କାଷ୍ଟିଂ କମ୍ପାନୀ- ଆଇ.ବି.ସି. ସେତେବେଲର୍ ବମ୍ୱେନୁ ଆଝିର୍ ଦିନେ ଇତାର୍ ରେଡ଼ିଓ ପ୍ରସାରଣ୍ ମୂଲ୍ କରିଥିଲା । ପଛେ ସର୍କାର୍ ଆଇ.ବି.ସି.କେ ନିଜର୍ ହାତ୍‌କେ ନେଇଥିଲେ ଆଉ ୧୯୩୬ ମସିହା ନ ଇତାର୍ ନାଁ ବଦ୍‌ଲେଇକରି ଅଲ୍ ଇଣ୍ଡିଆ ରେଡ଼ିଓ - ଏଆଇଆର୍ ରଖାଯାଇଥିଲା ।

ଇ ଅବ୍‌ସରେ ପ୍ରସାର୍ ଭାରତୀ ଅଧ୍ୟକ୍ଷ ନବନୀତ୍ ସେହେଗଲ୍ ଶୁଭେଚ୍ଛା ଜନେଇକରି ସୂଚ୍‌ନା, ଶିକ୍ଷା ଆଉ ମନୋରଞ୍ଜନ୍‌କେ ସାଙ୍ଗେ ନେଇକରି ରେଡ଼ିଓ ଆଏଜ୍ ସହର୍‌ଠାନୁ ଗାଁତକ୍, ସୀମା ଯବାନ୍ ଠାନୁ ଅନ୍ତର୍ଜାତୀୟ ଶ୍ରୋତା ମାନ୍‌କର୍‌ତକ୍ ପୁହୁଁଚିପାରିଛେ ବଲି କହିଛନ୍ ।

(ଭଏସ୍ ଓଭର୍-ପ୍ରସାର୍ ଭାରତୀ ଅଧ୍ୟକ୍ଷ)

ପ୍ରସାର୍ ଭାରତୀ ସି.ଇ.ଓ. ଗୌରବ୍ ଦ୍ୱିବେଦୀ ଶୁଭେଚ୍ଛା ଜନେଇକରି ଆକାଶ୍‌ବାଣୀର୍ ୯୦ ବଛ୍‌ରର୍ ଐତିହ୍ୟ ଇହାଦେ ଭିଲ୍ ବର୍‌କସ୍ ଢଙ୍ଗେ ଲୁକ୍‌କୁ ସୂଚନା ଦେଇଆସୁଛେ ବଲି କହିଛନ୍ ।

ଆକାଶ୍‌ବାଣୀ ମହାନିର୍ଦ୍ଦେଶକ୍ ଡକ୍ଟର୍ ପ୍ରଜ୍ଞା ପାଲିୱାଲ୍ ଗୌଡ଼ ଶୁଭେଚ୍ଛା ଜନେଇକରି ଆକାଶ୍‌ବାଣୀର୍ ଐତିହ୍ୟ ଆଉ ଭବିଷ୍ୟତ୍ ବାବ୍‌ଦେ ଆଲୋକପାତ କରିଛନ୍ ।

ଜିଲ୍ଲାସ୍ତରୀୟ ସମବାୟ ଉତ୍ସବ-ବର୍‌ଗଡ଼୍  ଆର୍‌ଏନ୍‌ୟୁ/ ସମ୍ବଲପୁର

ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳନ୍ ଅବ୍‌ସରେ ବର୍‌ଗଡ୍ ଜିଲ୍ଲା ସମବାୟ ବିଭାଗ୍ ଆଉ ଓମ୍‌ଫେଡ୍‌ର ମିଲିତ୍ ସହଯୋଗ୍‌ଥି ଜିଲ୍ଲାସ୍ତରୀୟ ସମବାୟ ଉତ୍ସବ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଆଏବା ଦିନେ ଜିଲ୍ଲା ନ ଗୁରସ୍ ଉତ୍ପାଦନ୍‌କେ ଦୁଇଗୁନା କର୍‌ବାର୍ ଆଉ ଗ୍ରାମାଂଚଲ୍ ଅର୍ଥନୀତିକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି କହିଛନ୍ ।

ସଚେତନତା କର୍ମଶାଳା ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେବ୍‌ଗଡ୍ - ଜିଲ୍ଲା ପରିଷଦ୍ ସମ୍ମିଲନୀ କକ୍ଷ ନ କାର୍ଯ୍ୟକ୍ଷେତ୍ରଥି ମହିଳାମାନ୍‌କୁ ଯୌନ ନିର୍ଯ୍ୟାତନା ପ୍ରତିରୋଧ୍ ବାବଦ୍ ଗୁଟେ ସଚେତନତା କର୍ମଶାଳା ହେଇଯାଇଛେ । ଜିଲ୍ଲାପାଳ୍ କବୀନ୍ଦ୍ର କୁମାର୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ବିଷୟବସ୍ତୁ ଉପ୍‌ରେ ଆଲୋଚନା କର୍‌ବାର୍ ସହେତେ ଇଥିର୍‌ଲାଗି ରହିଥିବା ଆଇନ୍ ମାନ୍‌କର୍ ବାବ୍‌ଦେ କହିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ବନିଥିବା ଘୂର୍ଣ୍ଣିବଳୟ ଆଏବା ୨୪ ଘଂଟା ଭିତ୍‌ରେ ଲଘୁଚାପ୍‌ଥି ବଦ୍‌ଲିବା । ଇଟା ଘନିଭୂତ ହେଇକରି ବାତ୍ୟାର୍ ରୂପ

ନେବା । ଇ ବାତ୍ୟା ର୍ ନାଁ 'ଓ୍ୱିଫା' ରଖାଯାଇଛେ । ଇତାର୍ ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା  ନ ଘଡ଼୍ଘଡ଼ି ସହେତେ ଜବର୍ ବର୍ଷା ହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।